# ଓଡ଼ିଶା ଆଇଆଇଟି କଥା ବିଚାର ହେବ: ଅର୍ଜୁନ ସିଂହ

ଭୁବନେଶ୍ୱର, ତା୧୯।୪।୫ (ନି.ପ୍ର.)– ଏକାଦଶ ପଞ୍ଚବାର୍ଷିକ ଯୋଜନା ପାଇଁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବଗୁଡ଼ିକ ଚୂଡ଼ାନ୍ତ ହେବା ବେଳେ ଓଡ଼ିଶାରେ ଏକ ନୂତନ ଆଇଆଇଟି ପ୍ରତିଷ୍ଠା କଥା ବିଚାର କରାଯିବ ବୋଲି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ଅର୍ଜୁନ ସିଂହ କହିଛନ୍ତି । ଆଜି ନୂଆଦିଲ୍ଲୀଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କାଳରେ ଶ୍ରୀ ସିଂହ କହିଲେ ଯେ ଓଡ଼ିଶାର ଦୀର୍ଘ ଦିନର ଦାବି ସମ୍ପର୍କରେ କେନ୍ଦ୍ର ସରକାର ଅବଗତ ଅଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କୁ କହିଥିଲେ ଯେ ଆଜିଯାଏଁ କେନ୍ଦ୍ର ସରକାର ଓଡ଼ିଶାରେ ଗୋଟିଏ ହେଲେ ଜାତୀୟ ସ୍ତରର ଶିକ୍ଷା ପ୍ରତିଷ୍ଠାନ ଖୋଲି ନାହାନ୍ତି । ତେଣୁ ଓଡ଼ିଶାର ଜନସାଧାରଣ ଗୋଟିଏ ଆଇଆଇଟି ପ୍ରତିଷ୍ଠା କରିବାକୁ ଦାବି କରି ଆସୁଛନ୍ତି । ତେଣୁ ଏକାଦଶ ପଞ୍ଚ ବାର୍ଷିକ ଯୋଜନା କାଳରେ ଓଡ଼ିଶାର ଏହି ଦାବି ସମ୍ପର୍କରେ ବିଚାର କରିବାକୁ ସେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କେବିକେ ଜିଲା ପାଇଁ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଦାବି କରିଥିଲେ । ମୁଖ୍ୟମନ୍ତ୍ରୀ ଆଜି କେନ୍ଦ୍ର ଭୂପୃଷ୍ଠ ପରିବହନ, ଜାତୀୟ ରାଜପଥ ଓ ଜାହାଜ ଚଳାଚଳ ମନ୍ତ୍ରୀ

● ପୃଷ୍ଠା ୨ ଦେଖନ୍ତୁ